ରିପୋର୍ଟଯୋଗ୍ୟ

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଅପିଲ କ୍ଷେତ୍ରାଧିକାର**

**ସିଭିଲ ଆବେଦନ ସଂଖ୍ୟା ୫୮୫୦/୨୦୧୯**

**ଏସଏଲପି(ସି) ସଂଖ୍ୟା ୧୫୬୭୨/୨୦୧୯ ରୁ ଆସିଛି)**

**ବ୍ରାହ୍ମଣୀ ନଦୀ ପେଲେଟ୍ସ ଲିମିଟେଡ..... ଆବେଦନକାରୀ**

**ବନାମ**

**କାମାଚି ଇଣ୍ଡଷ୍ଟ୍ରିଜ୍ ଲିମିଟେଡ... ଉତ୍ତରଦାତା**

**ରାୟ**

**ଆର. ବାନୁମଥୀ, ବିଚାରପତି**

ଅନୁମତି ପ୍ରଦାନ କରାଗଲା।

2. ମଧ୍ୟସ୍ଥତା ଏବଂ ବୁଝାମଣା ଆଇନ, 1996 ର ଧାରା ୧୧(୬) ଅନୁଯାୟୀ ମାଡ୍ରାସ ହାଇକୋର୍ଟ ନ୍ୟାୟିକ ଅଧିକାର ପ୍ରୟୋଗ କରିପାରିବେ କି ନାହିଁ, ଯଦିଓ ଚୁକ୍ତିରେ ଏହି ଧାରା ରହିଛି ଯେ ମଧ୍ୟସ୍ଥତାର ସ୍ଥାନ ଭୁବନେଶ୍ୱର ହେବ।

3. ଏହି ଅପିଲ ଦାଖଲ କରିବା ଲାଗି ପ୍ରେରିତ ସଂକ୍ଷିପ୍ତ ତଥ୍ୟ ନିମ୍ନରେ ଦିଆଗଲା-

ଆବେଦନକାରୀ ପ୍ରତିବାଦୀଙ୍କ ସହିତ ଏଫଓବି ସର୍ତ୍ତ ଦ୍ୱାରା ୪0,000 ଡବ୍ଲୁଏମଟି (ୱାଟ ମେଟ୍ରିକ ଟନ୍) ଲୁହା ପଥର ବିକ୍ରି ପାଇଁ ଏକ ଚୁକ୍ତି କରିଥିଲେ ଏବଂ ଭୁବନେଶ୍ୱରରେ ଲେଟର ଅଫ କ୍ରେଡିଟ୍ ଜରିଆରେ ପଇଠ କରିବାର ଥିଲା। ଓଡ଼ିଶାର ଭଦ୍ରକ ଜିଲ୍ଲାରେ ଥିବା ଧାମରା ବନ୍ଦରରୁ ବୋଝେଇ ହୋଇ ତାମିଲନାଡୁ ର ଚେନ୍ନାଇ ରେ ଥିବା ଇନୋରେ ବନ୍ଦରରେ ପହଞ୍ଚିବାର ଥିଲା |ମୂଲ୍ୟ ଏବଂ ପରିଶୋଧ ସର୍ତ୍ତକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ଏବଂ ଆବେଦନକାରୀ ପ୍ରତିବାଦକାରୀଙ୍କୁ ସାମଗ୍ରୀ ପ୍ରଦାନ କରିନଥିଲେ।ଅନ୍ୟ ଉତ୍ସରୁ ଅଧିକ ଦରରେ ଲୁହା ପଥର କିଣିବାକୁ ପଡୁଥିବା ଅଭିଯୋଗ କରି ପ୍ରତିବାଦୀ କ୍ଷୟକ୍ଷତି ପାଇଁ ଦାବି କରିଥିଲେ।ଆବେଦନକାରୀ କ୍ଷୟକ୍ଷତି ପ୍ରଦାନ କରିବାର କୌଣସି ଦାୟିତ୍ୱକୁ ଏହି କାରଣରୁ ଅସ୍ୱୀକାର କରିଥିଲେ ଯେ ଚୁକ୍ତିରେ ପରବର୍ତ୍ତୀ ସମୟରେ ସଂଶୋକରାଯାଇଥିଲା ଏବଂ ପ୍ରତିବାଦୀ ଚୁକ୍ତିର ମୌଳିକ ସର୍ତ୍ତର ଉଲ୍ଲଂଘନ କରିଥିଲେ ଏବଂ ଏହା ପକ୍ଷମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥିଲା।

୪. ପକ୍ଷଙ୍କ ମଧ୍ୟରେ ବୁଝାମଣାର ଧାରା ୧୮ ରେ ଏକ ମଧ୍ୟସ୍ଥତା ଧାରା ରହିଛି ଯାହା ନିମ୍ନରେ ଦିଆଗଲା:–

> "୧୮ । ମଧ୍ୟସ୍ଥତା ଭାରତୀୟ ମଧ୍ୟସ୍ଥତା ଏବଂ ବୁଝାମଣା ଆଇନ 1996 ଅଧୀନରେ ହେବ ଏବଂ ମଧ୍ୟସ୍ଥତାର ସ୍ଥାନ ଭୁବନେଶ୍ୱର ହେବ।"

୫. ପ୍ରତିବାଦୀ ୦୭.୧୦.୨୦୧୬ ରେ ମଧ୍ୟସ୍ଥତା ଧାରା ଲାଗୁ କରିଥିଲେ।ଆବେଦନକାରୀ ମଧ୍ୟସ୍ଥି ନିଯୁକ୍ତି ପାଇଁ ରାଜି ହୋଇନଥିଲେ। ତେଣୁ, ଏକମାତ୍ର ମଧ୍ୟସ୍ଥି ନିଯୁକ୍ତି ଲାଗି ମାଡ୍ରାସ ହାଇକୋର୍ଟରେ ୨୪ ଜାନୁଆରୀ, ୨୦୧୮ରେ ମଧ୍ୟସ୍ଥତା ଏବଂ ବୁଝାମଣା ଆଇନ, ୧୯୯୬ (ସଂକ୍ଷିପ୍ତରେ 'ଅଧିନିୟମ') ର ଧାରା ୧୧(୬)ଅନ୍ତର୍ଗତ ପ୍ରତିବାଦୀ ୨୦୧୮ର ଓପି ନଂ. ୩୯୮ ଆବେଦନ କରିଥିଲେ।ଆବେଦନକାରୀ ମାଡ୍ରାସ ହାଇକୋର୍ଟଙ୍କ ଅଧିକାର କ୍ଷେତ୍ରକୁ ଆପତ୍ତି କରି ଏହି ଆବେଦନ କରିଥିଲେ ଯେ ପକ୍ଷମାନେ ସହମତ ହୋଇଛନ୍ତି ଯେ ମଧ୍ୟସ୍ଥତା ଆସନ ଭୁବନେଶ୍ୱର ହେବ ଏବଂ ସେଥିପାଇଁ ମଧ୍ୟସ୍ଥି ନିଯୁକ୍ତ କରିବା ଲାଗି କେବଳ ଓଡ଼ିଶା ହାଇକୋର୍ଟର ସ୍ୱତନ୍ତ୍ର ଅଧିକାର ରହିଛି।ମାଡ୍ରାସ ଉଚ୍ଚ ନ୍ୟାୟାଳୟର ଏକ ଆଦେଶ ମୁତାବକ ମାଡ୍ରାସ ଉଚ୍ଚନ୍ୟାୟାଳୟ ର  ଜଣେ ପୂର୍ବତନ ବିଚାରପତିଙ୍କୁ ମଧ୍ୟସ୍ଥତା ପାଇଁ ଏକମାତ୍ର ମଧ୍ୟସ୍ଥତା ଅଧିକାରୀ ଭାବେ ନିଯୁକ୍ତି ପାଇ କହିଥିଲେଜେ, ପକ୍ଷମାନେ କେବଳ 'ସ୍ଥାନ' କଥାକୁ ମଧ୍ୟସ୍ଥତା ଙ୍କ ସ୍ଥାନ ବ୍ୟତୀତ  ଅନ୍ୟ ନ୍ୟାୟାଳୟର ନ୍ୟାୟିକ ଅଧିକାର କ୍ଷେତ୍ର ବାହାରକୁ ଯାଇପାରିବ ନାହିଁ। ହାଇକୋର୍ଟ କହିଥିଲେ ଯେ ଅନ୍ୟ ନ୍ୟାୟାଳୟର ନ୍ୟାୟିକ ଅଧିକାରକୁ ବାହାର କରୁଥିବା କୌଣସି ଅଭିବ୍ୟକ୍ତ ଧାରା ଅନୁପସ୍ଥିତିରେ ମଧ୍ୟସ୍ଥତା ପ୍ରକ୍ରିୟା ଉପରେ ମାଡ୍ରାସ ହାଇକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟ ଉଭୟଙ୍କର ନ୍ୟାୟିକ ଅଧିକାର ରହିବ।ଏହି ଆଦେଶକୁ ଆପତ୍ତି କରି ଆବେଦନକାରୀ ଏହି ଆବେଦନ କରିଛନ୍ତି।

୬.	ଆବେଦନକାରୀଙ୍କ ବିଦ୍ୱାନ ଓକିଲ କହିଥିଲେ ଯେ ଯେତେବେଳେ ପକ୍ଷମାନେ ମଧ୍ୟସ୍ଥତା ପାଇଁ ସ୍ଥାନ/ସ୍ଥାନ ପାଇଁ ସହମତ ହୋଇଥାନ୍ତି, ସେତେବେଳେ ଏହାକୁ ନ୍ୟାୟିକ ଆସନ ଭାବେ ମାନ୍ୟତା ମିଳିଥାଏ। ଏହି ଧାରା ବଳରେ ଓଡିଶା ଉଚନ୍ୟାୟାଳୟଙ୍କର ସମ୍ପୂର୍ଣ୍ଣ ପ୍ରଶାସନିକ ଅଧିକାର ମଧ ରହିବ | ଭୁବନେଶ୍ୱର ମଧ୍ୟସ୍ଥତାର କେନ୍ଦ୍ର ହୋଇଥିବା ସତ୍ତ୍ୱେ ମାଡ୍ରାସ ହାଇକୋର୍ଟ ଅଧିନିୟମର ଧାରା ୧୧(୬)ଅଧୀନରେ ନ୍ୟାୟିକ ଅଧିକାର ଗ୍ରହଣ କରି ଭୁଲ କରିଛନ୍ତି ବୋଲି ବିଦ୍ୱାନ ଓକିଲ ଦର୍ଶାଇଥିଲେ |ଏହି ପରିପ୍ରେକ୍ଷୀରେ ଇଣ୍ଡସ ମୋବାଇଲ ଡିସଟ୍ରିବିଉଶନ ପ୍ରାଇଭେଟ ଲିମିଟେଡ ଏବଂ ଅନ୍ୟମାନେ ବନାମ ଡାଟା ୱିଣ୍ଡ ଇନୋଭେଶନସ ପ୍ରାଇଭେଟ ଲିମିଟେଡ ଏବଂ ଅନ୍ୟମାନେ  (୨୦୧୭)୭ ଏସସିସି ୬୭୮ , ଇଉନିୟନ ଅଫ ଇଣ୍ଡିଆ ବନାମ ହାର୍ଡୀ ଏକ୍ସପ୍ଲୋରେସନ ଆଣ୍ଡ ପ୍ରଡ଼କ୍ଟ (ଇଣ୍ଡିଆ)ଆଇଏନସି.(୨୦୧୮)୭ ଏସସିସି ୩୭୪ ଏବଂ ଅନ୍ୟ ରାୟଗୁଡିକୁ ବିଶ୍ୱାସକୁ ନିଆ ଯାଇଛି |ଆବେଦନରେ କୁହାଯାଇଥିଲା ଯେ ବୁଝାମଣାର ଧାରା (୧୮) ଭୁବନେଶ୍ୱରର ମଧ୍ୟସ୍ଥତା କେନ୍ଦ୍ରରେ ଥିବା ନ୍ୟାୟାଳୟ ବ୍ୟତୀତ ଅନ୍ୟ ନ୍ୟାୟାଳୟର ଅଧିକାର କ୍ଷେତ୍ର ବାହାରେ ନାହିଁ ବୋଲି ହାଇକୋର୍ଟ ରାୟ ଦେଇ ଭୁଲ କରିଛନ୍ତି। ବିଦ୍ୱାନ ଓକିଲ କହିଲେ ଯେ ଉଚ୍ଚ ନ୍ୟାୟାଳୟ ଇଣ୍ଡସ ମୋବାଇଲର ଅନୁପାତକୁ ପ୍ରୟୋଗ ନ କରି ଭୁଲ କରିଛନ୍ତି, ଯେଉଁଥିରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଘରୋଇ ମଧ୍ୟସ୍ଥତା କ୍ଷେତ୍ରରେ ଯେଉଁଠାରେ ପକ୍ଷମାନେ ମଧ୍ୟସ୍ଥତା ପାଇଁ ସହମତ ହୋଇଛନ୍ତି, ସେଠାରେ ଉକ୍ତ ନ୍ୟାୟାଳୟର ସ୍ବତନ୍ତ୍ର ଅଧିକାର ରହିବ।ପ୍ରତିବାଦୀ ପକ୍ଷର ବିଦ୍ୱାନ ଓକିଲ କହିଥିଲେ ଯେ ଉଭୟ ଭୁବନେଶ୍ୱର ଏବଂ ଚେନ୍ନାଇରେ ମାମଲା ହେବାର କାରଣ ସୃଷ୍ଟି ହୋଇଥିବାରୁ ମାଡ୍ରାସ ହାଇକୋର୍ଟ ଏବଂ ଓଡ଼ିଶା ହାଇକୋର୍ଟର ତଦାରଖ କ୍ଷେତ୍ରାଧିକାର ରହିବ।

୭. ଭାରତ ଆଲୁମିନିୟମ କମ୍ପାନୀ ବନାମ କାଇଜର ଆଲୁମିନିୟମ ଟେକ୍ନିକାଲ ସର୍ଭିସେସ୍ ଇଙ୍କ (୨୦୧୨) 9 ଏସସିସି ୫୫୨ର ପାରା ନଂ (୯୬) ରେ କେସରେ ବିଶ୍ୱାସ ରଖାଯାଇଥିଲା। ମଧ୍ୟସ୍ଥତାର ସ୍ଥାନ ଭାବେ କେବଳ 'ସ୍ଥାନ' ଉଲ୍ଲେଖ କରିବା ବ୍ୟତୀତ ଅନ୍ୟ ପରିସ୍ଥିତି ଯେପରିକି 'ଏକାକୀ', 'ବିଶେଷଭାବେ, 'କେବଳ' କିମ୍ବା ଅନ୍ୟ ପରିସ୍ଥିତି ରହିବା ଉଚିତ, ତା'ହେଲେ କେବଳ ଅନ୍ୟ ନ୍ୟାୟାଳୟର ନ୍ୟାୟିକ ଅଧିକାର କ୍ଷେତ୍ର ବାହାରକୁ ଯାଇଥାନ୍ତା।ପ୍ରତିପକ୍ଷର ଓକିଲ କହିଥିଲେ ଯେ, କେବଳ 'ମଧ୍ୟସ୍ଥତାର ସ୍ଥାନ ଭୁବନେଶ୍ୱର'ର କୌଣସି ସ୍ୱତନ୍ତ୍ର ଗୁରୁତ୍ୱ ରହିବ ନାହିଁ ଏବଂ ହାଇକୋର୍ଟ ଆଇନର ଧାରା ୧୧ (୬) ଅନୁଯାୟୀ ମଧ୍ୟସ୍ଥତା ନିଯୁକ୍ତି କ୍ଷେତ୍ରରେ ଏହାର ଅଧିକାରକୁ ସଠିକ୍ ଭାବେ ପ୍ରୟୋଗ କରିଥିଲେ|

୮. ଆମେ ଉଭୟ ପକ୍ଷଙ୍କ ଉପସ୍ଥାପନାକୁ ସତର୍କତାର ସହ ବିଚାର କରିଛୁ ଏବଂ ଆକ୍ଷେପିତ ଆଦେଶ ଏବଂ ପକ୍ଷଙ୍କ ଦ୍ୱାରା ବିଶ୍ୱାସ କରାଯାଇଥିବା ରାୟକୁ ଅନୁଧ୍ୟାନ କରିଛୁ।

୯. ଅଧିନିୟମର ଧାରା ୨(୨) ଅନୁଯାୟୀ ଭାରତରେ ହେଉଥିବା ମଧ୍ୟସ୍ଥତା ଅଧିନିୟମର ଭାଗ-1 ଦ୍ୱାରା ପରିଚାଳିତ ହୋଇଥାଏ। କୋର୍ଟ ତାଙ୍କର କ୍ଷେତ୍ରାଧିକାର ବଳରେ ମଧ୍ୟସ୍ତତା ର ବିଷୟବସ୍ତୁ କଣ ରହିବ ନିଷ୍ପତି ନେଇଥାନ୍ତି ସେ ହି 'କୋର୍ଟ' ଅଟନ୍ତି ଯାହାକୁ ଅଧିନିୟମ ଧାରା ୨(୧)(e) ଦ୍ୱାରା ଏହିଭଳି ଭାବରେ ପଢାଯାଏ-

> 2 ପରିଭାଷା -(୧) ପ୍ରସଙ୍ଗରେ ଅନ୍ୟଥା ଆବଶ୍ୟକତା ନ ଥିଲେ, ଏହି ଭାଗରେ –
>
> .......
>
> "(ଙ)" "ନ୍ୟାୟାଳୟ" "ର ଅର୍ଥ-
>
> (i) ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତା ବ୍ୟତୀତ ଅନ୍ୟ ମଧ୍ୟସ୍ଥତା ମାମଲାରେ, କୌଣସି ଜିଲ୍ଲାର ମୌଳିକ ନ୍ୟାୟାଳୟର ମୁଖ୍ୟ ଦେୱାନୀ ନ୍ୟାୟାଳୟ ଏବଂ ଏଥିରେ ନିଜର ସାଧାରଣ ମୌଳିକ ଦେୱାନୀ ନ୍ୟାୟାଳୟର ପ୍ରୟୋଗ ଅନ୍ତର୍ଗତ ଉଚ୍ଚ ନ୍ୟାୟାଳୟକୁ ଅନ୍ତର୍ଭୁକ୍ତ କରାଯିବ, ଯେଉଁଥିରେ ଏହି ବିଷୟ ଉପରେ ନିଷ୍ପତ୍ତି ନେବାର ଅଧିକାରିତା ରହିବ-ଯଦି ତାହା କୌଣସି ଦାୟର ବିଷୟ ହୋଇଥାନ୍ତା, କିନ୍ତୁ ଏଥିରେ ଏପରି ପ୍ରମୁଖ ଦେୱାନୀ ନ୍ୟାୟାଳୟ କିମ୍ବା କୌଣସି କ୍ଷୁଦ୍ର ମାମଲା ନ୍ୟାୟାଳୟଠାରୁ ନିମ୍ନସ୍ତରର କୌଣସି ଦେୱାନୀ ନ୍ୟାୟାଳୟ ସାମିଲ ନଥାନ୍ତା।"
>
> (ii) ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତା କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟ ନିଜର ସାଧାରଣ ମୂଳ ଦେୱାନୀ ନ୍ୟାୟାଳୟର କ୍ଷେତ୍ରାଧିକାର କ୍ଷମତା ପ୍ରୟୋଗ ଦ୍ୱାରା ମଧ୍ୟସ୍ଥତାର ବିଷୟବସ୍ତୁ ଗଠନ କରୁଥିବା ପ୍ରଶ୍ନଗୁଡ଼ିକର ନିଷ୍ପତ୍ତି ନେବାର ଅଧିକାର ରଖିଥାଏ, ଯଦି ତାହା କୌଣସି ଦାୟର ବିଷୟବସ୍ତୁ ହୋଇଥାନ୍ତା, ଏବଂ ଅନ୍ୟ ମାମଲାରେ ସେହି ଉଚ୍ଚ ନ୍ୟାୟାଳୟ ନିଜ ଅଧୀନସ୍ଥ ଡ଼ିକ୍ରୀ କିମ୍ବା ନିଜର କ୍ଷେତ୍ରାଧିକାର ଅଧୀନରେ ଥିବା ନିମ୍ନ ଅଦାଲତଙ୍କର ଆବେଦନକୁ ମଧ୍ୟ ବିଚାର କରି ପାରିବେ |

ଆଇନର ଧାରା ୨(୨)ଅନୁଯାୟୀ, ଭାରତର ଯେଉଁଠାରେ ମଧ୍ୟସ୍ଥତାର ସ୍ଥାନ ରହିଛି, ସେହି ସମସ୍ତ ମଧ୍ୟସ୍ଥତା କ୍ଷେତ୍ରରେ ଭାଗ-୧ ଲାଗୁ ହେବ। ଆଇନର ଧାରା ୨(୧)(ଇ) ରେ ଅଧିନିୟମ ଭାଗ-୧ରେ ନ୍ୟାୟାଳୟ ଓ ମଧ୍ୟସ୍ତତାର ସ୍ଥାନକୁ ପରିଚାଳିତ କରିବା ପ୍ରସଙ୍ଗରେ ପରିଭାଷିତ କରଯାଇଛି ।

୧୦. ବାଲ୍କୋ ମାମଲାରେ ସାମ୍ବିଧାନିକ ଖଣ୍ଡପୀଠଙ୍କ ସମ୍ମୁଖରେ ଏକ ପ୍ରସଙ୍ଗ ଉଠିଥିଲା ଯେ, ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତା କ୍ଷେତ୍ରରେ ଯାହାର ନ୍ୟାୟିକ କିମ୍ବା ଆଇନଗତ ସ୍ଥାନ ଭାରତ ବାହାରେ ରହିଛି, ତାହା ଭାଟିଆ ଇଣ୍ଟରନ୍ୟାସନାଲ ବନାମ ବଲ୍କ ଟ୍ରେଡିଂ ଏସ. ଏ. ଏବଂ ଅନ୍ୟ ଏକ (୨୦୦୨) ୪ ଏସସିସି ୧୦୫ ମାମଲାରେ ପ୍ରଦତ୍ତ ଆଶ୍ୱସ୍ତି ପାଇଁ ଅଧିନିୟମର ଭାଗ-1ର ବ୍ୟବସ୍ଥା ପ୍ରଯୁଜ୍ୟ ହେବ କି ନାହିଁ। ବାଲ୍କୋରେ ଥିବା ସାମ୍ବିଧାନିକ ଖଣ୍ଡପୀଠ କହିଥିଲେ ଯେ "ଯଦି ମଧ୍ୟସ୍ଥତାର ଆଇନଗତ କିମ୍ବା ନ୍ୟାୟିକ ଆସନ ଭାରତ ବାହାରେ ଥାଏ ତେବେ ମଧ୍ୟସ୍ଥତା ଏବଂ ବୁଝାମଣା ଆଇନ, ୧୯୯୬ର ଭାଗ-୧ ଏପରି ମଧ୍ୟସ୍ଥତା ପାଇଁ ଲାଗୁ ହେବ ନାହିଁ ଏବଂ ଯଦି ମଧ୍ୟସ୍ଥତାର ନ୍ୟାୟିକ ଆସନ ଭାରତ ବାହାରେ ଥିବା ମଧ୍ୟସ୍ଥତା ପାଇଁ ୧୯୯୬ ଅଧିନିୟମର ଭାଗ-୧ ଲାଗୁ କରିବାର ଉଦ୍ଦେଶ୍ୟ ରହିଛି, ତେବେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥତା ଆଇନ ସହିତ ଅସଙ୍ଗତ ସୀମା ପର୍ଯ୍ୟନ୍ତଭାଗ-1ଲାଗୁହେବ |"[1]

11. ବାଲ୍କୋରେ, ନ୍ୟାୟାଳୟ ଆସନ ଏବଂ ସ୍ଥାନ କୁ ଆଇନର ଧାରା ୨୦(୩) ପରିପ୍ରେକ୍ଷୀରେ ବିଶେଷ ଗୁରୁତ୍ୱ ଦେଇ ଏହି ପକ୍ଷମାନଙ୍କୁ ବୈଠକ, କାର୍ଯ୍ୟଧାରା ଏବଂ ଶୁଣାଣି ଉଭୟ ପକ୍ଷ ସହମତି କରିଥିବା ଯେକୌଣସି ସ୍ଥାନରେ ଆୟୋଜନ କରିବା ପାଇଁ ଅନୁମତି ପ୍ରଦାନ କରିଥାଏ। ତେବେ ଏହା ଫଳରେ ଭାରତରେ ଜାରି ରହିଥିବା ମଧ୍ୟସ୍ଥତାର ସ୍ଥାନ ବଦଳିଯିବ ନାହିଁ।ଏହା ପରେ ଅଦାଲତ ଏପରି ଏକ ସ୍ଥିତିକୁ ପରିକଳ୍ପନା କରିବେ ଯେଉଁଥିରେ ମଧ୍ୟସ୍ଥତା ବୁଝାମଣା ବିଦେଶୀ ସିଟକୁ ମନୋନୀତ କରିବ ଏବଂ ମଧ୍ୟସ୍ଥତା ପ୍ରକ୍ରିୟା ପରିଚାଳନା ଲାଗି ଲାଗୁ ଆଇନ ଭାବେ ମଧ୍ୟସ୍ଥତା ଆଇନ, ୧୯୯୬ କୁ ମଧ୍ୟ ଚୟନ କରିବ ଏବଂ ଏପରି ପରିସ୍ଥିତିରେ, ପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ଆୟୋଜିତ ମଧ୍ୟସ୍ଥତା ଶୁଣାଣିର ପ୍ରଭାବ ମଧ୍ୟସ୍ଥତାର ସ୍ଥାନ ବଦଳାଇବ ନାହିଁ ଯାହା ଭାରତରେ ରହିବ।

> '୧୦୦. ଏହା ସତ୍ୟ ଯେ, ଅନ୍ତର୍ଜାତୀୟ ବାଣିଜ୍ୟିକ ମଧ୍ୟସ୍ଥତାର ଶୁଣାଣି ଭାରତ ବାହାରେ ଆବଶ୍ୟକ ହୋଇପାରେ। ଏଭଳି ପରିସ୍ଥିତିରେ ମଧ୍ୟସ୍ଥତାର ଶୁଣାଣି ଉଭୟ ପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ କରାଯିବ, କିନ୍ତୁ ଏହା ଫଳରେ ଭାରତରେ ରହିବାକୁ ଥିବା ମଧ୍ୟସ୍ଥତାର ସ୍ଥାନ ପରିବର୍ତ୍ତନ ହୋଇପାରିବ ନାହିଁ। ଏହି ପରିସ୍ଥିତିରେ ଆଇନ ସ୍ଥାନ କେଉଁଠି ଅଛି ତାହା ରେଡ୍ଫୋର୍ଣ୍ଣ ଓ ହନ୍ଟର ଙ୍କ ପୁସ୍ତକ ଦି ଲ ଆଣ୍ଡ ପ୍ରାକ୍ଟିସ ଅଫ ଇନ୍ଟରନ୍ଯାଶନାଲ କମାର୍ସିୟାଲ ଅର୍ବିଟ୍ରେସନ(୧୯୮୬) ପୃ-୬୯ ରେ "ଦି ପ୍ଲେସ ଅଫ ଅର୍ବିଟ୍ରେସନ" ର ଶୀର୍ଷକ ରେ ନିମ୍ନଲିଖିତ ଭାବେ ବର୍ଣ୍ଣନା କରାଯାଇଛି|–

.........

> ଆମ ଦୃଷ୍ଟିରେ ଏହା ବ୍ୟବହାରିକ ବିଚାରର ସଠିକ ଚିତ୍ରଣ ଏବଂ 'ଜାଗା' [ଧାରା ୨୦ (୧) ଏବଂ ୨୦ (୨)] ଏବଂ 'ସ୍ଥାନ'ମଧ୍ୟରେ ପ୍ରଭେଦ[ଧାରା20(3)]।ଆମେ ଏଠାରେ ସୂଚୀତ କରିପାରିବା ଯେ 'ଆସନ' ଏବଂ 'ସ୍ଥାନ' ମଧ୍ୟରେ ପ୍ରଭେଦ ଗୁରୁତ୍ୱପୂର୍ଣ୍ଣ ହୋଇପାରିବ। ମଧ୍ୟସ୍ଥତା ବୁଝାମଣା ବିଦେଶୀ ରାଷ୍ଟ୍ରକୁ ମଧ୍ୟସ୍ଥତାର 'ଆସନ'/'ସ୍ଥାନ' ଭାବେ ନାମିତ କରିଥାଏ ଏବଂ ମଧ୍ୟସ୍ଥତା ପ୍ରକ୍ରିୟାକୁ ପରିଚାଳିତ କରୁଥିବା 'କଠିନ ଆଇନ/ଆଇନ' ଭାବେ ମଧ୍ୟସ୍ଥତା ଆଇନ,୧୯୯୬ କୁ ମଧ୍ୟ ଚୟନ କରିଥାଏ।ଏଠି ନିସ୍ପତି ପାଇଁ ବ୍ୟକ୍ତିଗତ ବୁଝାମଣାର ଆବଶ୍ୟକତା ଅଛି ଯଦି:
>
> (i) ନିର୍ଦ୍ଧାରିତ ବାହାର 'ଆସନ'କୁ ବାସ୍ତବରେ କେବଳ ଏକ 'ସ୍ଥାନ/ଜାଗା' ଭାବେ ବିବେଚନା କରାଯିବ, ଯେଉଁଠାରେ ମଧ୍ୟସ୍ଥତା ଆଇନ, ୧୯୯୬ର ଚୟନକୁ ଦୃଷ୍ଟିରେ ରଖି ଶୁଣାଣି ଅନୁଷ୍ଠିତ ହେବ, ଅଥବା
>
> (ii) କୌଣସି ବିଦେଶୀ ଅସନର ନିର୍ଦ୍ଦିଷ୍ଟ ପଦବୀ, ଯେଉଁଥିରେ ସେହି ଦେଶର ମଧ୍ୟସ୍ଥତା/କଠିନ ଆଇନର ଚୟନକୁ ବାଧ୍ୟତାମୂଳକ ଭାବେ ସାମିଲ କରାଯିବ, ଯାହା ମଧ୍ୟସ୍ଥତା ଅଧିନିୟମ, ୧୯୯୬ ର ପକ୍ଷଙ୍କ ଦ୍ୱାରା ବିରୋଧାତ୍ମକ ଚୟନକୁ ପ୍ରଭାବିତ କରିବ।
>
> **ଯଦି** ଏହି ବୁଝାମଣାକୁ ଭାରତ ବାହାରେ 'ଆସନ'/'ସ୍ଥାନ' ପ୍ରଦାନ କରିବା ଲାଗି ଗ୍ରହଣ କରାଯାଇଥାଏ, ତେବେ ପ୍ରଥମ ଭାଗ ସେହି ସୀମା ପର୍ଯ୍ୟନ୍ତ ଲାଗୁ ହେବ ନାହିଁ, ଯଦିକି ବୁଝାମଣାକୁ ମଧ୍ୟସ୍ଥତା ଆଇନ, ୧୯୯୬ର ବ୍ୟବସ୍ଥା କରିବା ଲାଗି ଗ୍ରହଣ କରାଯାଇଛି।ଯଦି ଇଣ୍ଡିଆ ବାହାରେ କୌଣସି ଜାଗାରେ ବୁଝାମଣା କରିବାକୁ ବ୍ୟବସ୍ଥା ହୋଇଥାଏ, ତେବେ ମଧ୍ୟସ୍ତତା ଆଇନ ଭାଗ-୧ ଅନୁଯାଇ ଏଠାରେ ଅନାବଶ୍ୟକ ଅଟେ , ଯଦିଓ ବୁଝାମଣାପତ୍ର ବିଶେଷ ଭାବରେ ମଧ୍ୟସ୍ତତା ଆଇନ-୧୯୯୬ ଦ୍ୱାରା ମଧ୍ୟସ୍ତତା ପରିଚାଳନା କରିବାପାଇଁ ବିଶେଷ ଅନୁମତି ଥାଏ |"



[1] ଭାରତ ଏଲୁମିନିୟମ କୋ.ବନାମ କାଇଜର ଏଲୁମିନିୟମ ଟେକ୍ନିକ୍ଲାଲ ସାର୍ଭିସେସ ଆଇଏନସି.।(2012) ୯ ଏସସିସି୫୫୨

୧୨. ପୂର୍ବରୁ ଉଲ୍ଲେଖ କରାଯାଇଥିବା ଆଇନର ଧାରା ୨(୧)(ଇ) "ନ୍ୟାୟାଳୟକୁ" "ମାମଲାର ବିଷୟବସ୍ତୁ" ସମ୍ବନ୍ଧରେ ନିର୍ଦ୍ଧାରଣ କରିଥାଏ।ଆଇନର ଧାରା ୨ (୧) (ଇ) ଅନୁଯାୟୀ, ଯଦି ମାମଲାର ବିଷୟବସ୍ତୁ ଦୁଇ କିମ୍ବା ଅଧିକ ନ୍ୟାୟାଳୟର ମଧ୍ୟସ୍ଥତା ଅଧିକାର କ୍ଷେତ୍ର ମଧ୍ୟରେ ରହିଛି, ତେବେ ପକ୍ଷମାନେ ସକ୍ଷମ ନ୍ୟାୟାଳୟ ମଧ୍ୟରୁ ଗୋଟିଏ ମଧ୍ୟରେ ସୀମିତ ରଖିବା ଲାଗି ସହମତ ହୋଇପାରିବେ। ବାଲ୍କୋର ପାରା (96) ରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଅଧିନିୟମର ଧାରା ୨ (୧) (ଇ) ରେ "ବିଷୟବସ୍ତୁ" ଶବ୍ଦର ଉଦ୍ଦେଶ୍ୟ ହେଉଛି ମଧ୍ୟସ୍ଥତା ପ୍ରକ୍ରିୟା ଉପରେ ତଦାରଖ କରୁଥିବା ନ୍ୟାୟାଳୟକୁ ଚିହ୍ନଟ କରିବା ।ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଅଧିନିୟମର ଧାରା ୨ (୧) (ଇ) ର ବ୍ୟବସ୍ଥାକୁ ଅଧିନିୟମର ଧାରା ୨0 ସହିତ ଯୋଡ଼ିବାକୁ ପଡିବ, ଯାହା "ମଧ୍ୟସ୍ଥତାର ସ୍ଥାନ" ବିଷୟରେ ପକ୍ଷମାନଙ୍କର ସ୍ୱୀକୃତି ପ୍ରଦାନ କରିଥାଏ। ବାଲ୍କୋର ପାରା ନମ୍ବର (୯୬) ରେ ମଧ୍ୟସ୍ଥତା ସମ୍ବନ୍ଧୀୟ ଟିପ୍ପଣୀ ଅଧିନିୟମର ଭାଗ-୧ ଦ୍ୱାରା ପରିଚାଳିତ ଅର୍ଥାତ ଭାରତରେ "ମଧ୍ୟସ୍ଥତାର ସ୍ଥାନ" ନିମ୍ନରେ ଦିଆଗଲା:-

> "୯୬............ଆମର ମତରେ, ମଧ୍ୟସ୍ଥତାର ବିଷୟବସ୍ତୁ ଶବ୍ଦକୁ ମକଦମା ବିଷୟବସ୍ତୁ ସହିତ ବିଭ୍ରାନ୍ତ କରାଯାଇପାରିବ ନାହିଁ। ଧାରା ୨ (୧) (ଇ) ରେ ବିଷୟବସ୍ତୁ ଶବ୍ଦ ଭାଗ-1 ମଧ୍ୟରେ ସୀମିତ ରହିଛି।ଏହାର ଉଦ୍ଦେଶ୍ୟ ହେଉଛି ମଧ୍ୟସ୍ଥତା ପ୍ରକ୍ରିୟା ଉପରେ ତଦାରଖ ନିୟନ୍ତ୍ରଣ ଥିବା ଅଦାଲତଗୁଡ଼ିକୁ ଚିହ୍ନଟ କରିବା।ତେଣୁ, ଏହା ଏପରି ଏକ ନ୍ୟାୟାଳୟକୁ ସୂଚୀତ କରେ ଯାହା ମଧ୍ୟସ୍ଥତା ପ୍ରକ୍ରିୟାର କେନ୍ଦ୍ରସ୍ଥଳୀ ହେବ।ଆମ ମତରେ, ଧାରା ୨ (୧) (ଇ) ର ବ୍ୟବସ୍ଥାକୁ ଧାରା 20ରେ ଥିବା ବ୍ୟବସ୍ଥାକୁ ଧ୍ୟାନରେ ରଖି ବୁଝିବାକୁ ହେବ ଯେଉଁଥିରେ ଦଳୀୟ ସ୍ୱାୟତ୍ତତାକୁ ସ୍ୱୀକୃତି ପ୍ରଦାନ କରାଯାଇଛି।ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲଙ୍କ ଦ୍ୱାରା ବ୍ୟକ୍ତ କରାଯାଇଥିବା ସଂକୀର୍ଣ୍ଣ ନିର୍ମାଣକୁ ସ୍ୱୀକାର କରିବା ବାସ୍ତବରେ ଧାରା ୨୦କୁ ନିଷ୍କ୍ରିୟ କରିଦେବ।ଆମର ଦୃଷ୍ଟିକୋଣରୁ, ବିଧାନପାଳିକା ଜାଣିଶୁଣି ଦୁଇଟି ନ୍ୟାୟାଳୟକୁ ନ୍ୟାୟାଳୟ ଅଧିକାର କ୍ଷେତ୍ର ପ୍ରଦାନ କରିଛି, ଯେପରିକି ନ୍ୟାୟାଳୟ ଯେଉଁଠି ମାମଲା ହେବାର କାରଣ ରହିଛି ଏବଂ ମଧ୍ୟସ୍ଥତା  ଥିବା ନ୍ୟାୟାଳୟ।ଏହା ଆବଶ୍ୟକ ଥିଲା କାରଣ ଅନେକ ସମୟରେ ବୁଝାମଣା ଦ୍ୱାରା ମଧ୍ୟସ୍ଥତା ପାଇଁ ଏକ ସ୍ଥାନ ଉପଲବ୍ଧ ହୋଇପାରିବ ଯାହା ଉଭୟ ପକ୍ଷଙ୍କ ପାଇଁ ନିରପେକ୍ଷ ହେବ।ତେଣୁ ଯେଉଁ ଅଦାଲତଗୁଡ଼ିକରେ ମଧ୍ୟସ୍ଥତା ହୋଇଥାଏ ସେଠାରେ ମଧ୍ୟସ୍ଥତା ପ୍ରକ୍ରିୟା ଉପରେ ତଦାରଖ ନିୟନ୍ତ୍ରଣ ରଖିବା ଆବଶ୍ୟକ।ଉଦାହରଣ ସ୍ୱରୂପ, ଯଦି ମଧ୍ୟସ୍ଥତା ଦିଲ୍ଲୀରେ ଅନୁଷ୍ଠିତ ହୋଇଥାଏ, ଯେଉଁଠାରେ କୌଣସି ପକ୍ଷ ଦିଲ୍ଲୀର ନୁହନ୍ତି, (ଦିଲ୍ଲୀକୁ ମୁମ୍ବାଇର ଏକ ପକ୍ଷ ଏବଂ କୋଲକାତାର ଅନ୍ୟ ପକ୍ଷ ମଧ୍ୟରେ ନିରପେକ୍ଷ ସ୍ଥାନ ଭାବେ ଚୟନ କରାଯାଇଛି) ଏବଂ ଦିଲ୍ଲୀରେ ବସିଥିବା ଟ୍ରିବ୍ୟୁନାଲ ମଧ୍ୟସ୍ଥତା ଆଇନ, ୧୯୯୬ର ଧାରା ୧୭ ଅନ୍ତର୍ଗତ ମଧ୍ୟସ୍ଥତା ଆଦେଶ ପ୍ରଦାନ କରିଥାନ୍ତି, ତେବେ ଧାରା ୩୭ ଅନ୍ତର୍ଗତ ଏପରି ମଧ୍ୟସ୍ଥତା ଆଦେଶ ବିରୋଧରେ ଅପିଲ ଦିଲ୍ଲୀର ନ୍ୟାୟାଳୟମାନଙ୍କରେ ହେବ କାରଣ ମଧ୍ୟସ୍ଥତା ପ୍ରକ୍ରିୟା ଏବଂ ଟ୍ରିବ୍ୟୁନାଲ ଉପରେ ତଦାରଖ ଅଧିକାର ରହିଛି।ଚୁକ୍ତିରେ ଥିବା ଦାୟିତ୍ୱ ମୁମ୍ବାଇ କିମ୍ବା କୋଲକାତାରେ ପାଳନ କରାଯିବ ଏବଂ କେବଳ ମଧ୍ୟସ୍ଥତା ଦିଲ୍ଲୀରେ ହେବ।ଏଭଳି ପରିସ୍ଥିତିରେ, ଉଭୟ ନ୍ୟାୟାଳୟର ଅଧିକାର କ୍ଷେତ୍ର ରହିବ ଅର୍ଥାତ ସେହି ନ୍ୟାୟାଳୟ ଯାହାର ଅଧିକାର କ୍ଷେତ୍ର ମଧ୍ୟରେ ମାମଲାର ବିଷୟବସ୍ତୁ ରହିଛି ଏବଂ ସେହି ନ୍ୟାୟାଳୟ ଯେଉଁଠାରେ ବିବାଦର ସମାଧାନ ଅର୍ଥାତ୍ ମଧ୍ୟସ୍ଥତା ଅବସ୍ଥିତ।"

ପାରା ନଂ. (୯୬) ରେ ଉପରୋକ୍ତ ମନ୍ତବ୍ୟ ଏହି ସନ୍ଦର୍ଭରେ ରହିଛି ଯେ ଅନେକ ସମୟରେ ବୁଝାମଣା ଏପରି ଏକ ସ୍ଥାନରେ ମଧ୍ୟସ୍ଥତା ପାଇଁ ସ୍ଥାନ ଉପଲବ୍ଧ କରାଇବ ଯାହା ଉଭୟ ପକ୍ଷଙ୍କ ପାଇଁ ନିରପେକ୍ଷ ହେବ।ଏଭଳି ପରିସ୍ଥିତିରେ, ଏହା ଲକ୍ଷ୍ୟ କରାଯାଇଥିଲା ଯେ ଦୁଇଟି ନ୍ୟାୟାଳୟର ନ୍ୟାୟିକ ଅଧିକାର କ୍ଷେତ୍ର ରହିବ-ସେହି ନ୍ୟାୟାଳୟ ଯାହାର ଅଧିକାର କ୍ଷେତ୍ର ମଧ୍ୟରେ ମକଦମା ବିଷୟବସ୍ତୁ ରହିଛି ଏବଂ ସେହି ନ୍ୟାୟାଳୟ,ଯେଉଁ ଅଧିକାର କ୍ଷେତ୍ର ମଧ୍ୟରେ ବିବାଦର ସମାଧାନ କରାଯାଇଥାଏ ଅର୍ଥାତ ମଧ୍ୟସ୍ଥତାର "ସ୍ଥାନ" ଅବସ୍ଥିତ ହୋଇଥାଏ।

୧୩. ଆଇନର ଧାରା ୨0 ଅନୁଯାୟୀ ପକ୍ଷମାନେ ମଧ୍ୟସ୍ଥତାର ସ୍ଥାନ ନିରୂପଣ କରିବାପାଇଁ ସ୍ୱତନ୍ତ୍ର | ପକ୍ଷମାନଙ୍କର ସ୍ୱାଧୀନତାକୁ ଏହି ପ୍ରସଙ୍ଗରେ ବ୍ୟାଖ୍ୟା କରାଯାଇପାରେ ଜେ , ପକ୍ଷମାନଙ୍କ ଦ୍ୱାରା ବଛାଯାଇଥିବା ମଧ୍ୟସ୍ତତାର ସ୍ଥାନ ,ଦୁଇ କିମ୍ବା ତଦୁର୍ଦ୍ଧ ଖ୍ଯମତାସମ୍ପନ୍ନ ଅଦାଲତଙ୍କର କ୍ଷେତ୍ରାଧିକାର ସୀମା ମଧ୍ୟରେ ଆସୁଥିବା ଦରକାର | ସ୍ୱସ୍ତିକ ଗ୍ୟାସେସ (ପି)ଲିମିଟେଡ ବନାମ ଇଣ୍ଡିଆନ ଅୟେଲ କର୍ପୋରେଶନ ଲିମିଟେଡ(୨୦୧୩)୯ ଏସସିସି , ମାମଲାରେ ତିନିଜଣିଆ ଖାଣ୍ଡପୀଠ ସ୍ୱଷ୍ଟ ଭାବେ ଏହି ନିଷ୍ପତି ଦେଇଛନ୍ତି|

**୩୨.**ଏହି ମାମଲାରେ, ପ୍ରତିବାଦୀ-ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ରାଜସ୍ଥାନର ଜୟପୁରସ୍ଥିତ ମେସର୍ସ ସ୍ୱସ୍ତିକ ଗ୍ୟାସେସ (ପି) ଲିମିଟେଡକୁ ସେମାନଙ୍କ କନସାଇନମେଣ୍ଟ ଏଜେଣ୍ଟ ଭାବେ ନିଯୁକ୍ତ କରିଥିଲା।ଆବେଦନକାରୀଙ୍କ ଦ୍ୱାରା ବିପୁଳ ପରିମାଣର ଲୁବ୍ରିକାଣ୍ଟକୁ ବିକ୍ରି କରିନପାରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା ଏବଂ ଏହାର ଆପୋସ ସମାଧାନ ହୋଇପାରିନଥିଲା।ଉପରୋକ୍ତ ମାମଲାରେ, ପକ୍ଷଙ୍କ ମଧ୍ୟରେ ବୁଝାମଣାର ଧାରା ୧୮ ଅନୁଯାୟୀ ଏହି ବୁଝାମଣା କୋଲକାତାର ନ୍ୟାୟାଳୟର ଅଧିକାର କ୍ଷେତ୍ର ଅଧୀନରେ ରହିବ।ଆବେଦନକାରୀ-ସ୍ୱାସ୍ତିକ ମଧ୍ୟସ୍ଥତା ଧାରା ୧୮ଲାଗୁ କରିଥିଲେ ଏବଂ ମଧ୍ୟସ୍ଥତା ନିଯୁକ୍ତି ପାଇଁ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟରେ ଅଧିନିୟମର ଧାରା ୧୧(୬) ଅଧୀନରେ ଆବେଦନ କରିଥିଲେ।ଏହି ମାମଲାରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରୀୟ ନ୍ୟାୟାଳୟର ଅଭାବକୁ ନେଇ ସ୍ୱାସ୍ତିକ ଅନ୍ୟାନ୍ୟ ବିଷୟ ପକ୍ଷରୁ କରାଯାଇଥିବା ଆବେଦନକୁ ପ୍ରତିବାଦୀ ବିରୋଧ କରିଥିଲେ।ଇଣ୍ଡିଆନ ଅଏଲ କର୍ପୋରେସନର ଆବେଦନରେ କୁହାଯାଇଥିଲା ଯେ ଏହି ବୁଝାମଣା କୋଲକାତା ଏବଂ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ଅଧିନିୟମର ଧାରା ୧୧(୬) ଅନ୍ତର୍ଗତ କରାଯାଇଥିବା ଆବେଦନକୁ ଗ୍ରହଣ କରିବା ଲାଗି କ୍ଷେତ୍ରୀୟ ନ୍ୟାୟାଳୟର ନ୍ୟାୟାଧୀଶ ଅଧିନିୟମର ଧାରା ୧୧(୬) ଅନ୍ତର୍ଗତ ଆବେଦନକୁ ଗ୍ରହଣ କରିବା ଲାଗି କ୍ଷେତ୍ରୀୟ ନ୍ୟାୟାଳୟର ନ୍ୟାୟାଧୀଶ ଅଧିନିୟମକୁ ଚ୍ୟାଲେଞ୍ଜ କରିବା ଲାଗି କୋଲକାତା ଉଚ୍ଚ ନ୍ୟାୟାଳୟରେ ମଧ୍ୟସ୍ଥତା ଆବେଦନ ଦାଖଲ କରିବା ଲାଗି ସ୍ୱାସ୍ତିକଙ୍କୁ ସ୍ୱାଧୀନତା ଦେଇଥିଲେ।ସୁପ୍ରିମକୋର୍ଟ କହିଛନ୍ତି ଯେ ଏହି ରାଜିନାମାରେ 'କେବଳ, ଏକମାତ୍ର, ସ୍ୱତନ୍ତ୍ର କିମ୍ବା ସ୍ୱତନ୍ତ୍ର ନ୍ୟାୟାଳୟ' ଭଳି ଶବ୍ଦ ବ୍ୟବହାର କରାଯାଇନାହିଁ ଏବଂ ଏପରି ଶବ୍ଦର ବ୍ୟବହାର ନିର୍ଣ୍ଣାୟକ ନୁହେଁ ଏବଂ ଏପରି ଶବ୍ଦର ଉପଯୋଗ ନହେବା ଦ୍ୱାରା ପକ୍ଷକାରଙ୍କ ଉଦ୍ଦେଶ୍ୟ ସମ୍ପର୍କରେ କୌଣସି ତଥ୍ୟଗତ ପ୍ରଭେଦ ନଥାଏ।

> ୩୧.ଏହି ମାମଲାରେ, ଆବେଦନକାରୀ କୋଲକାତାରେ କାର୍ଯ୍ୟାନୁଷ୍ଠାନ ହେବାର କାରଣ ସୃଷ୍ଟି ହୋଇଥିବା ନେଇ କୌଣସି ବିବାଦ ସୃଷ୍ଟି କରିନାହାନ୍ତି।ଆବେଦନକାରୀ କ'ଣ କହୁଛନ୍ତି ଯେ ଜୟପୁରରେ ମଧ କାର୍ଯ୍ୟର କିଛି ଅଂଶ ଉପୁଜିଛି ଏବଂ ସେଥିପାଇଁ ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି କିମ୍ବା ମନୋନୀତ ନ୍ୟାୟାଧୀଶଙ୍କ ନିକଟରେ ଧାରା ୧୧ ଅଧୀନରେ ମଧ୍ୟସ୍ଥି ନିଯୁକ୍ତି ପାଇଁ ଆବେଦନକାରୀଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ବିଚାର କରିବାର ଅଧିକାର ରହିଛି।୧୯୯୬ ଅଧିନିୟମର ଧାରା ୧୧ (୧୨) (ବି) ଏବଂ ଧାରା 2 (ଇ) କୁ ଧ୍ୟାନରେ ରଖି, ସଂହିତାର ଧାରା ୨୦ (ସି) ସହିତ ପଠିତ, ଏଥିରେ କୌଣସି ସନ୍ଦେହ ନାହିଁ ଯେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି କିମ୍ବା ମନୋନୀତ ନ୍ୟାୟାଧୀଶଙ୍କର ଏହି ମାମଲାରେ ନ୍ୟାୟିକ ଅଧିକାର ରହିଛି।ପ୍ରଶ୍ନ ଉଠୁଛି ଯେ, ବୁଝାମଣାର ଧାରା ୧୮ ଆଧାରରେ ପକ୍ଷମାନେ ଜୟପୁରର ନ୍ୟାୟାଳୟଗୁଡ଼ିକର ନ୍ୟାୟିକ ଅଧିକାରକୁ ବାହାର କରିବା ପାଇଁ ସହମତ ହୋଇଛନ୍ତି କି, ଅନ୍ୟ ଶବ୍ଦରେ କ'ଣ ବୁଝାମଣାର ଧାରା 18 ଆଧାରରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ନ୍ୟାୟିକ ଅଧିକାରକୁ ବାହାର କରିଦିଆଯାଇଛି?

୩୨. ଉପରୋକ୍ତ ପ୍ରଶ୍ନର ଉତ୍ତର ପାଇବା ପାଇଁ ଆମକୁ ବୁଝାମଣାପତ୍ରରେ ଥିବା ନ୍ୟାୟିକ କ୍ଷେତ୍ର ଖଣ୍ଡର ପ୍ରଭାବକୁ ଦେଖିବାକୁ ପଡ଼ିବ, ଯେଉଁଥିରେ ବ୍ୟବସ୍ଥା ରହିଛି ଯେ ଏହି ବୁଝାମଣା କୋଲକାତାର ନ୍ୟାୟାଳୟର ନ୍ୟାୟିକ ଅଧିକାର କ୍ଷେତ୍ର ଅଧୀନରେ ରହିବ।ଏହା ସତ୍ୟ ଯେ ରାଜିନାମାରେ ନ୍ୟାୟିକ କ୍ଷେତ୍ର ଧାରା ପ୍ରଦାନ କରିବା ସମୟରେ "କେବଳ, ସ୍ୱତନ୍ତ୍ର କିମ୍ବା ସ୍ୱତନ୍ତ୍ର ନ୍ୟାୟକ୍ଷେତ୍ର" ଭଳି ଶବ୍ଦ ବ୍ୟବହାର କରାଯାଇନାହିଁ, କିନ୍ତୁ ଆମ ଦୃଷ୍ଟିରେ ଏହା ନିର୍ଣ୍ଣାୟକ ନୁହେଁ ଏବଂ ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ନାହିଁ।ଉଭୟ ପକ୍ଷଙ୍କ ଉଦ୍ଦେଶ୍ୟ-ବୁଝାମଣାର ଧାରା ୧୮ ଦ୍ୱାରା ସ୍ପଷ୍ଟ ଯେ କୋଲକାତାର ନ୍ୟାୟାଳୟଗୁଡ଼ିକର ଅଧିକାର କ୍ଷେତ୍ର ରହିବ, ଯାହାର ଅର୍ଥ କେବଳ କୋଲକାତାର ନ୍ୟାୟାଳୟଗୁଡ଼ିକର ଅଧିକାର କ୍ଷେତ୍ର ରହିବ।ଏହାର କାରଣ ହେଲା ବୁଝାମଣାର ଧାରା 18 ଭଳି ନ୍ୟାୟିକ କ୍ଷେତ୍ର ନିର୍ଦ୍ଧାରଣ ପାଇଁ 'ଏକୀକରଣ-ସର୍ବଶ୍ରେଷ୍ଠ ଏକକାଳୀନ ପରିବର୍ତ୍ତନ' ଲାଗୁ ହୋଇଥାଏ କାରଣ ଏହାର ବିପରୀତ କିଛି ଦର୍ଶାଇବାର ନାହିଁ।ଏହି ଆଇନର ଉକ୍ତିରେ କୁହାଯାଇଛି ଯେ କାହାର ଅଭିବ୍ୟକ୍ତି ହେଉଛି ଅନ୍ୟକୁ ବାହାର କରିବା।ଏହି ବୁଝାମଣା କୋଲକାତାର ନ୍ୟାୟାଳୟର ଅଧିକାର କ୍ଷେତ୍ର ଅନ୍ତର୍ଗତ ବୋଲି ବ୍ୟବସ୍ଥା କରି ପକ୍ଷମାନେ ଅନ୍ୟ ନ୍ୟାୟାଳୟର ଅଧିକାର କ୍ଷେତ୍ରକୁ ବାହାର କରିଦେଇଛନ୍ତି।ଯେଉଁଠାରେ ଚୁକ୍ତିରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନ୍ୟାୟାଳୟର ଅଧିକାର କ୍ଷେତ୍ର ନିର୍ଦ୍ଦିଷ୍ଟ କରାଯାଇଛି ଏବଂ ଏପରି ନ୍ୟାୟାଳୟର ଏହି ପ୍ରସଙ୍ଗରେ ବିଚାର କରିବାର ଅଧିକାର ରହିଛି, ସେଠାରେ ଆମେ ଭାବୁଛୁ ଯେ ଅନ୍ୟ ସମସ୍ତ ନ୍ୟାୟାଳୟକୁ ବାଦ ଦେବା ଲାଗି ଉଦ୍ଦିଷ୍ଟ ପକ୍ଷମାନେ ଏକ ନିଷ୍କର୍ଷ ବାହାର କରିପାରିବେ।ଏହି ଧାରା ଚୁକ୍ତି ଅଧିନିୟମର ଧାରା ୨୩ ଦ୍ୱାରା ଆଦୌ ପ୍ରଭାବିତ ହେବନାହିଁ।ଏପରି ଧାରା କୌଣସି ଆଇନ ଦ୍ୱାରା ନିଷିଦ୍ଧ ନୁହେଁ କିମ୍ବା ଏହା ସାର୍ବଜନୀନ ନୀତି ବିରୁଦ୍ଧରେ ନୁହେଁ।ଏହା କୌଣସି ପ୍ରକାରରେ ଚୁକ୍ତି ଅଧିନିୟମର ଧାରା 28ର ଉଲ୍ଲଂଘନ କରେନାହିଁ।

୩୩. ହାକମ ସିଂହ ବନାମ ଗାମନ ଇଣ୍ଡିଆ ଲିମିଟେଡ (୧୯୭୧) 1 ଏସସିସି ୨୮୬, ଏ. ବି. ସି. ଲାମିନାଟ ପ୍ରାଇଭେଟ ଲିମିଟେଡ ବନାମ ଏ. ବି. ସି. ଏଜେନ୍ସି (୧୯୮୯) 2 ଏସସିସି ୧୬୩, ଆର. ଏସ. ଡି. ଭି. ଫାଇନାନ୍ସ କର୍ପୋରେସନ ପ୍ରାଇଭେଟ ଲିମିଟେଡ ବନାମ ଶ୍ରୀ ବଲ୍ଲଭ ଗ୍ଲାସ ୱାର୍କସ ଲିମିଟେଡ (୧୯୯୩) ୨ ଏସସିସି ୧୩୦, ଏଞ୍ଜାଇଲ ଇନସୁଲେସନ ବନାମ ଡେଭି ଆସୋମୋର ଇଣ୍ଡିଆ ଲିମିଟେଡ (୧୯୯୫) 4 ଏସସିସି ୧୫୩, ଶ୍ରୀରାମ ସିଟି ୟୁନିୟନ ଫାଇନାନ୍ସ କର୍ପୋରେସନ ଲିମିଟେଡ ବନାମ ରମା ମିଶ୍ର (2002) 9 ଏସସିସି 613, ହାନିଲ ଏରା ଟେକ୍ସଟାଇଲ ଲିମିଟେଡ ବନାମ ପ୍ରୋମାଟିକ ଫିଲ୍ଟର୍ସ ପ୍ରାଇଭେଟ ଲିମିଟେଡ (୨୦୦୪) ଏସସିସି ୪ ଏସସିସି ୬୭୧ ଏବଂ ବାଲାଜୀ କୋକ ଇଣ୍ଡଷ୍ଟ୍ରି ଲିମିଟେଡ ବନାମ  ମା ଭଗବତୀ  କୋକ ଗୁଜୁରାଟ ପ୍ରାଇଭେଟ ଲିମିଟେଡ  (୨୦୦୯) ଏସସିସି ୪୦୩ |" [ଉଦ୍ଧୃତ]

୧୪. ସ୍ୱାସ୍ତିକ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଚୁକ୍ତିର ଧାରା (୧୮) ଭଳି ଧାରା ଚୁକ୍ତି ଅଧିନିୟମର ଧାରା ୨୩ ଦ୍ୱାରା ପ୍ରଭାବିତ ହେବ ନାହିଁ ଏବଂ ଏହା ଆଇନ ଦ୍ୱାରା ନିଷିଦ୍ଧ କିମ୍ବା ସାର୍ବଜନୀନ ନୀତି ବିରୁଦ୍ଧରେ ନୁହେଁ।ଆଇନର ଧାରା ୨୦ ଅନୁଯାୟୀ ପକ୍ଷମାନେ ମଧ୍ୟସ୍ଥତାର ସ୍ଥାନ ଚୟନ କରିବା ଲାଗି ସ୍ୱାଧୀନ।ଆଇନର ଧାରା ୨(୧)(ଇ) ଅଧୀନରେ ସକ୍ଷମ ନ୍ୟାୟାଳୟ ଥିବା ଦୁଇ କିମ୍ବା ଅଧିକ ନ୍ୟାୟାଳୟରୁ କୌଣସି ନ୍ୟାୟାଳୟକୁ ଚୟନ କରିବା ସନ୍ଦର୍ଭରେ ଏହି "ଦଳୀୟ ସ୍ୱତନ୍ତ୍ରତା"ର ଅର୍ଥ ହେବା ଉଚିତ।

୧୫. ଇଣ୍ଡସ ମୋବାଇଲ ବିତରଣ (ପି) ଲିମିଟେଡ ବନାମ ଡାଟାୱିଣ୍ଡ ଇନୋଭେସନ (ପି) ଲିମିଟେଡ ଏବଂ ଅନ୍ୟାନ୍ୟ (୨୦୧୭) ୭ ଏସସିସି ୬୭୮ ମାମଲାରେ 'ଆସନ' ଏବଂ 'ମଧ୍ୟସ୍ଥତାର ସ୍ଥାନ' ମଧ୍ୟରେ ଅଧିକନ୍ତୁ ବିଚାର କରାଯାଇଥିଲା ବାଲ୍କୋ, ଏନର୍କନ (ଇଣ୍ଡିଆ) ଲିମିଟେଡ ଏବଂ ଅନ୍ୟମାନେ ବନାମ ଏନର୍କନ ଜିଏମବିଏଚ ଏବଂ ଅନ୍ୟ ଏକ (୨୦୧୪) ୫ ଏସସିସି ୧ ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ଏବଂ ଅନ୍ୟ ଏକ ବନାମ ଭାରତ ସଂଘ (2014) 7 ଏସସିସି 603 ଏବଂ ଆଇନ କମିଶନ ରିପୋର୍ଟ ଅନୁଯାୟୀ ଆଇନରେ ସଂଶୋଧନ କରି ବିଚାରପତି ନରିମାନ ନିମ୍ନଲିଖିତ ରାୟ ଦେଇଥିଲେ –

"୧୮. ସଂଶୋଧିତ ଅଧିନିୟମରେ ଉପରୋକ୍ତ ସଂଶୋଧନଗୁଡ଼ିକ ରହିନାହିଁ, ସମ୍ଭବତଃ ବାଲ୍କୋ (୨୦୧୨) ୯ ଏସସିସି ୫୫୨ ରାୟରେ ଅଧିନିୟମର ଧାରା ୨ (୨) ର ଉଦ୍ଦେଶ୍ୟ ପାଇଁ" "ନ୍ୟାୟିକ ଆସନ" "ଭାବେ ଉଲ୍ଲେଖ କରାଯାଇଛି। ଏହା ଆହୁରି ସ୍ପଷ୍ଟ କରିଛି ଯେ ଧାରା ୨୦ (୧) ଏବଂ ୨୦ (୨) ଯେଉଁଠାରେ" "ସ୍ଥାନ" "ଶବ୍ଦ ବ୍ୟବହାର କରାଯାଇଥାଏ, ତାହା" "ନ୍ୟାୟିକ ଆସନ" "କୁ ସୂଚୀତ କରିଥାଏ, ଯେତେବେଳେ କି ଧାରା ୨୦ (୩) ରେ" "ସ୍ଥାନ" "ଶବ୍ଦ ସ୍ଥାନ ସହିତ ସମାନ।"ଯେହେତୁ ଏହା ଏକ ସ୍ଥିର ଆଇନ, ସୁପ୍ରିମ କୋର୍ଟର ସମ୍ବିଧାନ ଖଣ୍ଡପୀଠ ପୂର୍ବରୁ ଏହି ଆଇନର ନିର୍ମାଣ ମାଧ୍ୟମରେ ଯାହା କରିଛନ୍ତି ତାହାକୁ ସ୍ପଷ୍ଟ ଭାବେ ସାମିଲ କରିବା ଅନାବଶ୍ୟକ ଥିଲା।

୧୯. ଉପରୋକ୍ତ ସମସ୍ତ ବ୍ୟବସ୍ଥାର ସଂକ୍ଷିପ୍ତସାର ଦର୍ଶାଉଛି ଯେ ଯେତେବେଳେ ଆସନଟି ନିର୍ଦ୍ଧାରିତ ହୋଇଛି, ଏହା ଏକ ସ୍ୱତନ୍ତ୍ର କ୍ଷେତ୍ରାଧିକାର ଧାରା ସହିତ ସମାନ।ବର୍ତ୍ତମାନର ମାମଲାର ତଥ୍ୟ ଆଧାରରେ ଏହା ସ୍ପଷ୍ଟ ଯେ ମଧ୍ୟସ୍ଥତାର କେନ୍ଦ୍ର ହେଉଛି ମୁମ୍ବାଇ ଏବଂ ଧାରା ୧୯ ଆହୁରି ସ୍ପଷ୍ଟ କରୁଛି ଯେ ନ୍ୟାୟାଳୟର ନ୍ୟାୟିକ ଅଧିକାର କେବଳ ମୁମ୍ବାଇ ନ୍ୟାୟାଳୟରେ ନିହିତ।ମଧ୍ୟସ୍ଥତା ଆଇନ ଅନୁଯାୟୀ, ନ୍ୟାୟାଳୟମାନଙ୍କରେ ଦାୟର ମାମଲାରେ ଲାଗୁ ଦେୱାନୀ ପ୍ରକ୍ରିୟା ସଂହିତାର ବିପରୀତ, 'ଆସନ' ଏକ ପରିକଳ୍ପନା ଯେଉଁଥିରେ ମଧ୍ୟସ୍ଥତା ଖଣ୍ଡର ପକ୍ଷମାନେ ଏକ ନିରପେକ୍ଷ ସ୍ଥାନ ଚୟନ କରିପାରିବେ।ପାରମ୍ପରିକ ଅର୍ଥରେ ନିରପେକ୍ଷ ସ୍ଥାନର ନ୍ୟାୟିକ ଅଧିକାର କ୍ଷେତ୍ର ନଥାଇପାରେ-ଅର୍ଥାତ ନ୍ୟାୟିକ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ହେବାର କୌଣସି କାରଣ ସୃଷ୍ଟି ହୋଇନପାରେ ଏବଂ ସିପିସିର ଧାରା ୧୬ ରୁ ୨୧ର କୌଣସି ବ୍ୟବସ୍ଥା ମଧ୍ୟ ଆକୃଷ୍ଟ ହୋଇପାରିବ ନାହିଁ।ତେବେ ମଧ୍ୟସ୍ଥତା ଆଇନରେ ଯେତେବେଳେ 'ସିଟ' ନିର୍ଦ୍ଧାରିତ ହେବ, ସେତେବେଳେ ମୁମ୍ବାଇରେ ସିଟ ରହିବା କାରଣରୁ ମୁମ୍ବାଇ ଅଦାଲତଙ୍କୁ ଉଭୟ ପକ୍ଷଙ୍କ ମଧ୍ୟରେ ବୁଝାମଣା କାରଣରୁ ଉପୁଜିଥିବା ମଧ୍ୟସ୍ଥତା ପ୍ରକ୍ରିୟାକୁ ନିୟନ୍ତ୍ରଣ କରିବା ଲାଗି ସ୍ୱତନ୍ତ୍ର ନ୍ୟାୟାଳୟ ଅଧିକାର ମିଳିବ।

୨୦. ଏହା ସୁନିଶ୍ଚିତ ଯେ, ଯେଉଁଠାରେ ଗୋଟିଏରୁ ଅଧିକ ନ୍ୟାୟାଳୟର ଅଧିକାର କ୍ଷେତ୍ର ରହିଛି, ସେଠାରେ ପକ୍ଷମାନେ ଅନ୍ୟ ସମସ୍ତ ନ୍ୟାୟାଳୟକୁ ବାଦ ଦେଇପାରିବେ।ମାମଲା ଆଇନର ବିସ୍ତୃତ ବିଶ୍ଳେଷଣ ପାଇଁ ସ୍ୱସ୍ତିକ ଗ୍ୟାସ୍ (ପି) ଲିମିଟେଡ ବନାମ ଇଣ୍ଡିଆନ ଅଏଲ କର୍ପନ୍ ଲିମିଟେଡ (୨୦୧୩) ୯ ଏସସିସି ୩୨ ଦେଖନ୍ତୁ। ଶିମୋଏସେ ବୋନ ଷ୍ଟାରବୁର୍ଗ ନିଦେଠାଲ ବନାମ ଛାତିଶଗଡ ଇନଭେଷ୍ଟମେଣ୍ଟ ଲିମିଟେଡ (୨୦୧୫)୧୨ ଏସସିସି ୨୨୫ , କେସ ର ସାମ୍ପ୍ରତିକ ରାୟକୁ ଅନୁସରଣ କରାଯାଇଛି | ଉପରୋକ୍ତ ପ୍ରସଙ୍ଗକୁ ଧ୍ୟାନରେ ରଖି ଏହା ସ୍ପଷ୍ଟ ଯେ ମଧ୍ୟସ୍ଥତାର ନ୍ୟାୟିକ କେନ୍ଦ୍ର ମୁମ୍ବାଇରେ ଥିବାରୁ ଦେଶର ଅନ୍ୟ ସମସ୍ତ ନ୍ୟାୟାଳୟଗୁଡ଼ିକୁ ବାଦ ଦେବା ଲାଗି କେବଳ ମୁମ୍ବାଇ ନ୍ୟାୟାଳୟର ଅଧିକାର କ୍ଷେତ୍ର ରହିଛି।ଏହି ମାମଲାରେ, ଆକ୍ଷେପିତ ରାୟକୁ ଅଗ୍ରାହ୍ୟ କରାଯାଇଛି।..... **[ରେଖାଙ୍କିତ]**

୧୬. ଯେତେବେଳେ ଚୁକ୍ତିରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନ୍ୟାୟାଳୟର ଅଧିକାର କ୍ଷେତ୍ର ନିର୍ଦ୍ଦିଷ୍ଟ ହୋଇଥିବ, ସେତେବେଳେ କେବଳ ସେପରି ନ୍ୟାୟାଳୟକୁ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ରହିବ ଏବଂ ଅନ୍ୟ ସମସ୍ତ ନ୍ୟାୟାଳୟକୁ ବାଦ ଦେବା ଲାଗି ଉଦ୍ଦିଷ୍ଟ ପକ୍ଷଙ୍କ ଅଧିକାର ରହିବ।ବର୍ତ୍ତମାନର ମାମଲାରେ ଉଭୟ ପକ୍ଷ ସହମତ ହୋଇଛନ୍ତି ଯେ ମଧ୍ୟସ୍ଥତାର ସ୍ଥାନ ଭୁବନେଶ୍ୱରରେ ହେବ।ଭୁବନେଶ୍ୱର ମଧ୍ୟସ୍ଥତା ସ୍ଥଳୀ ଥିବା ପକ୍ଷଙ୍କ ବୁଝାମଣାକୁ ବିଚାର କରି ଅନ୍ୟ ସମସ୍ତ ଅଦାଲତକୁ ବାଦ ଦେବା ପକ୍ଷଙ୍କ ଉଦ୍ଦେଶ୍ୟ।'ସ୍ୱସ୍ତିକ'ରେ 'ସ୍ୱତନ୍ତ୍ର ନ୍ୟାୟାଧୀଶ', 'କେବଳ, ସ୍ୱତନ୍ତ୍ର', 'ଏକାକୀ' ଭଳି ଶବ୍ଦ ବ୍ୟବହାର କରିବା ନିର୍ଣ୍ଣାୟକ ନୁହେଁ ଏବଂ ଏହା କୌଣସି ବିଶେଷ ପାର୍ଥକ୍ୟ ସୃଷ୍ଟି କରିନଥାଏ।

17. ପକ୍ଷମାନେ ଯେତେବେଳେ ଭୁବନେଶ୍ୱରରେ ମଧ୍ୟସ୍ଥତାର ସ୍ଥାନ ପାଇବା ପାଇଁ ସହମତ ହୋଇଥାନ୍ତି, ସେତେବେଳେ ମାଡ୍ରାସ ହାଇକୋର୍ଟ ଅଧିନିୟମର ଧାରା 11 (6) ଅଧୀନରେ ନ୍ୟାୟାଳୟର କ୍ଷେତ୍ରାଧିକାର କ୍ଷେତ୍ରକୁ ଅନୁମାନ କରି ଭୁଲ୍ କରିଛନ୍ତି। ଆଇନର ଧାରା ୧୧(୬)ଦ୍ୱାରା ଆଗତ କରାଯାଇଥିବା ଆବେଦନର ଆପେକ୍ଷିତ ଆଦେଶକୁ ଅଗ୍ରାହ୍ୟ କରିବାପାଇଁ କେବଳ ଓଡିଶା ଉଚ୍ଚନ୍ୟାୟାଳୟଙ୍କର କ୍ଷେତ୍ରାଧିକାର କ୍ଷମତା ରହିଛି|

୧୮. ଫଳାଫଳ ସ୍ୱରୂପ ୦୨.୧୧.୨୦୧୮ତାରିଖରେ ମାଡ୍ରାସ ହାଇକୋର୍ଟଙ୍କ ଓପି ନମ୍ବର ୩୯୮/୨୦୧୮ରେ ଦିଆଯାଇଥିବା ଆଦେଶକୁ ଅଗ୍ରାହ୍ୟ କରାଯାଇଛି ଏବଂ ଏହି ଅପିଲକୁ ଅନୁମତି ପ୍ରଦାନ କରାଯାଇଛି। ମଧ୍ୟସ୍ଥଙ୍କ ନିଯୁକ୍ତି ପାଇଁ ପକ୍ଷମାନେ ଓଡ଼ିଶା ହାଇକୋର୍ଟରେ ଆବେଦନ କରିପାରିବେ।

ଆର.ବାନୁମଥି (ବିଚାରପତି)

ଏ.ଏସ.ବୋପାନା (ବିଚାରପତି)

ନୂଆଦିଲ୍ଲୀ ,

ଜୁଲାଇ ୨୫,୨୦୧୯

**ଅସ୍ୱୀକାର ପତ୍ର**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

Translated by Shri Jatadhari Sethi
High Court of Orissa, Cuttack